# NATIONAL NEWS BULLETIN (ODIA)

## 26 June - 2024

## Evening Bulletin : 7.15 p.m.

***********************************

## <u>ମୁଖ୍ୟ ସମ୍ବାଦ</u>

- କ୍ରମାଗତ ଦ୍ୱିତୀୟଥର ପାଇଁ ଲୋକସଭାର ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କଲେ ବିଜେପି ସଦସ୍ୟ ଓମ୍ ବିର୍ଲା ।

– ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଉଭୟ ସଦନର ମିଳିତ ଅଧିବେଶନକୁ କରିବେ ସମ୍ବୋଧନ

- ମ୍ୟାଁମାରରେ ଜାରି ରହିଥିବା ହିଂସା ଓ ଅସ୍ଥିରତାର ପ୍ରଭାବ ଭାରତର ସୀମାନ୍ତ ଉପରେ ପଡୁଛି ବୋଲି କହିଲେ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ।

- ଆନ୍ତର୍ଜାତିକ ନିଶାଦ୍ରବ୍ୟ କାରବାର ଓ ବେଆଇନ ଚାଲାଣ ନିରୋଧୀ ଦିବସ ଆଜି ପାଳିତ ।

- ନାଟୋର ପରବର୍ତ୍ତୀ ମହାସଚିବ ଭାବେ ଆସନ୍ତା ଅକ୍ଟୋବର ପହିଲାରୁ ଦାୟିତ୍ୱ ନେବେ ନେଦରଲାଣ୍ଡ୍ସ ବିଦାୟୀ ପ୍ରଧାନମନ୍ତ୍ରୀ ମାର୍କ ରୁଟ୍

ଏବଂ

- ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଆସନ୍ତାକାଲି ।

## ଏଲ୍‌ଏସ୍-ସ୍ପିକର

ବରିଷ୍ଠ ବିଜେପି ସାଂସଦ ଓମ୍ ବିର୍ଲା କ୍ରମାଗତ ଦ୍ୱିତୀୟଥର ପାଇଁ ଲୋକସଭାର ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କଲେ । ଇଣ୍ଡି ମେଣ୍ଟର ପ୍ରାର୍ଥୀ କଂଗ୍ରେସ ସାଂସଦ କେ.ସୁରେଶଙ୍କୁ ସେ ବାଚନିକ ଭୋଟ୍‌ରେ ହରାଇ ଏହି ପଦରେ ଆସିନ ହୋଇଛନ୍ତି । ଶ୍ରୀ ବିର୍ଲା ବାଚସ୍ପତି ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବାଚସ୍ପତିଙ୍କ ଚେୟାର ନିକଟକୁ ତାଙ୍କୁ ପାଛୋଟି ନେଇଥିଲେ ।

ଗୃହ ଆରମ୍ଭ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଅନ୍ୟ ୧୨ ଜଣ ଏନ୍‌ଡିଏ ନେତା ଶ୍ରୀ ବିର୍ଲାଙ୍କୁ ବାଚସ୍ପତି ଭାବେ ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବିରୋଧୀ ଦଳ ପକ୍ଷରୁ ଶିବସେନା ନେତା ଅରବିନ୍ଦ ସାୱନ୍ତ, ଏନସିପି (ଶରଦ ପାୱାର) ଗୋଷ୍ଠୀର ସୁପ୍ରିୟା ସୁଲେ ଏବଂ ସମାଜବାଦୀ ପାର୍ଟିର ଆନନ୍ଦ ଭଦୌରିଆ ଶ୍ରୀ ସୁରେଶଙ୍କ ସପକ୍ଷରେ ପ୍ରସ୍ତାବ ଆଗତ କରିଥିଲେ ।

ଶ୍ରୀ ବିର୍ଲା ନିର୍ବାଚିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ତାଙ୍କ ମାର୍ଗଦର୍ଶନ ଗୃହ ଚାଲିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସାଂସଦ ଭାବରେ ଶ୍ରୀ ବିର୍ଲାଙ୍କ କାର୍ଯ୍ୟ ନୂତନ ସଦସ୍ୟମାନଙ୍କ ପାଇଁ ପ୍ରେରଣା ହେବା ଉଚିତ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ଲୋକସଭାରେ ଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଥିଲା। ସେ କହିଥିଲେ, ସଦସ୍ୟଙ୍କ ଆଚରଣ ଏବଂ ସେମାନଙ୍କ ଉତ୍ତରଦାୟିତ୍ୱ ସଂସଦୀୟ ଗଣତନ୍ତ୍ର ଉପରେ ଲୋକଙ୍କ ଆସ୍ଥା ବଢ଼ାଇଥାଏ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଗତ ଲୋକସଭାରେ ୯୭ ପ୍ରତିଶତ ସଫଳତା ମିଳିପାରିଥିଲା।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଶ୍ରୀ ବିର୍ଲାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଏହି ଗୃହ ଲୋକଙ୍କ ସ୍ୱରକୁ ପ୍ରତିନିଧିତ୍ୱ କରୁଛି। ଗୃହ ସୁରୁଖୁରୁରେ ଚାଲିବା ପାଇଁ ବିରୋଧୀଙ୍କ ସମର୍ଥନ ରହିବ ବୋଲି ସେ ଶ୍ରୀ ବିର୍ଲାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଶ୍ୱାସ ଆଧାରରେ ସହଯୋଗ ହୋଇଥାଏ ଏବଂ ବିରୋଧୀଙ୍କ ସ୍ୱର ଉତ୍ତୋଳନ କରିବାକୁ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଆଶା ବ୍ୟକ୍ତ କରିଛନ୍ତି, ଶ୍ରୀ ବିର୍ଲା ବାଚସ୍ପତି ହେବା ପରେ ବିରୋଧୀଙ୍କୁ ସ୍ୱର ଉତ୍ତୋଳନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ। ଶ୍ରୀ ଯାଦବ କହିଛନ୍ତି, ନିରପେକ୍ଷତା ବାଚସ୍ପତିଙ୍କର ଏକ ପ୍ରମୁଖ ବୈଶିଷ୍ଟ୍ୟ ଏବଂ ଶାସକ ଦଳ ତଥା ବିରୋଧୀ ସଦସ୍ୟଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ଶିବସେନା (ୟୁବିଟି) ନେତା ଅରବିନ୍ଦ ସାୱନ୍ତ ଆଶା ବ୍ୟକ୍ତ କରିଛନ୍ତି, ଅଷ୍ଟାଦଶ ଲୋକସଭାରେ ଲୋକଙ୍କ ସ୍ୱାର୍ଥ ଜଡ଼ିତ ସମସ୍ତ ପ୍ରମୁଖ ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା ହେବ ବୋଲି ଆଶା ରଖୁଛନ୍ତି।

ଏନସିପି ସାଂସଦ ସୁପ୍ରିୟା ସୁଲେ ବାଚସ୍ପତି ବିର୍ଲାଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ସେ ତାଙ୍କ ପୂର୍ବ କାର୍ଯ୍ୟକାଳରେ ବାଚସ୍ପତି ଭାବେ ବହୁତ ଉତ୍ତମ କାର୍ଯ୍ୟ କରିଛନ୍ତି।

ଏଲଜେପି (ଆର) ନେତା ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି, ନିର୍ବାଚନ ଶେଷ ହୋଇଛି ଏବଂ ବର୍ତ୍ତମାନ ସଦସ୍ୟମାନେ ଲୋକଙ୍କ ସ୍ୱାର୍ଥ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ଧ୍ୟାନ ଦେବା ଉଚିତ୍ । ଲୋକସଭାରେ ଉପବାଚସ୍ପତି ପଦ ଦାବିକୁ ନେଇ ସେ ବିରୋଧୀଙ୍କୁ ପ୍ରଶ୍ନ କରି କହିଛନ୍ତି, ଅନେକ ବିରୋଧୀ ଶାସିତ ରାଜ୍ୟ ଅଛି ଯେଉଁଠାରେ ବିଧାନସଭାରେ ବାଚସ୍ପତି ଏବଂ ଉପବାଚସ୍ପତି ପଦ ଶାସକ ଦଳମାନଙ୍କ ହାତରେ ରହିଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ରାଜ୍ୟସଭାର ଅଧିବେଶନ ମଧ୍ଯ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସଂସଦର ଅଧିବେଶନ ଜାରି ରହିବ ବୋଲି କାର୍ଯ୍ୟସୂଚୀ ରହିଛି।

## ବିଜେପି-କଂଗ୍ରେସ

ସଂସଦରେ କପି ଦେଖାଇ ସମ୍ବିଧାନକୁ ସୁରକ୍ଷା ଦିଆଯାଇ ପାରିବ ନାହିଁ ବରଂ ଏହା ପ୍ରତି ପ୍ରକୃତ ସମ୍ମାନ ରହିବା ଉଚିତ ବୋଲି ବିଜେପି କହିଛି। ଦଳର ମୁଖପାତ୍ର ସମ୍ବିତ ପାତ୍ର ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, କଂଗ୍ରେସ ସାଂସଦମାନେ ସମ୍ବିଧାନର ରକ୍ଷକ ଭାବେ ନିଜକୁ ପ୍ରତିପାଦନ କରିବାକୁ ଚେଷ୍ଟା କରୁଛନ୍ତି। କ୍ଷମତା ଲୋଭରେ କଂଗ୍ରେସ ୧୯୭୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲା ବୋଲି ସେ କହିଛନ୍ତି।

## ଜୟଶଙ୍କର ମ୍ୟାନ୍‌ମାର ଏଫ୍‌ଏମ୍

ମ୍ୟାଁମାରରେ ଜାରି ରହିଥିବା ହିଂସା ଓ ଅସ୍ଥିରତାର ପ୍ରଭାବ ଭାରତର ସୀମାନ୍ତ ଉପରେ ପଡୁଥିବାରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଡକ୍ଟର ଜୟଶଙ୍କର ଆଜି ନୂଆଦିଲ୍ଲୀରେ ମ୍ୟାଁମାର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ୟୁ ଥାନ୍

ଶ୍ରେଙ୍କ ଏ ନେଇ ଆଲୋଚନା କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଏହି ପରିସ୍ଥିତିର ମୁକାବିଲା ପାଇଁ ସଂଶ୍ଲିଷ୍ଟ ସମସ୍ତଙ୍କୁ ସାମିଲ କରିବାକୁ ଭାରତ ପ୍ରସ୍ତୁତ ଅଛି।

## ଇଣ୍ଟରନ୍ୟାସନାଲ ଡେ’-ଡ୍ରଗ୍ ଆବ୍ୟୁସ

ସାରା ବିଶ୍ୱରେ ଆଜି ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ କାରବାର ଓ ବେଆଇନ ଚାଲାଣ ନିରୋଧୀ ଦିବସ ପାଳନ କରାଯାଉଛି। ଅରୁଣାଚଳ ପ୍ରଦେଶର ଇଟାନଗର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସହରରେ ନିଶା ଦ୍ରବ୍ୟ ସେବନ ଓ ବେଆଇନ ଚାଲାଣ ବୃଦ୍ଧି ପାଉଥିବା ସମସ୍ୟାର ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଉପଲକ୍ଷେ ରାମକୃଷ୍ଣ ମିଶନ ହସ୍ପିଟାଲରୁ ଆକାଶଦୀପ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଉ ଏକ ଶୋଭାଯାତ୍ରା ବାଗେ ଟିନାଲିରୁ’ ନେରିସଟ୍ ଗେଟ୍ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ସଂଗଠନ ସମେତ ବିଭିନ୍ନ ସମ୍ପ୍ରଦାୟର ସଦସ୍ୟମାନେ ଅଂଶଗ୍ରହଣ କରି ନିଶା ଦ୍ରବ୍ୟର ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

## ନ୍ୟୁ କ୍ରିମିନାଲ ଲ’

ଭାରତୀୟ ନ୍ୟାୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷୀ ସଂହିତା ୨୦୨୩' ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ ହେବ।

ଗତବର୍ଷ ଶୀତକାଳୀନ ଅଧିବେଶନରେ ସଂସଦରେ ଏହି ବିଲ୍ ପାରିତ ହୋଇଥିଲା। ଭାରତୀୟ ନାଗରିକଙ୍କୁ ସଶକ୍ତ କରିବା ଦିଗରେ ନୂଆ ଅପରାଧିକ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମସ୍ତଙ୍କ ନିକଟରେ ଏହା ପହଁଞ୍ଚିବା ସହିତ ଉପଯୁକ୍ତ ନ୍ୟାୟ ପ୍ରଦାନରେ ସହାୟକ ହୋଇପାରିବ। ନୂଆ ଫୌଜଦାରୀ ଆଇନର ପ୍ରମୁଖ ବ୍ୟବସ୍ଥା ଗୁଡ଼ିକ ହେଲା–ଅନଲାଇନ ମାଧମରେ ରିପୋର୍ଟିଂ କରିବା, ଯେକୌଣସି ଥାନାରେ ଏତଲା ଦାଏର କରିବା ସହିତ ପୀଡ଼ିତଙ୍କୁ ଏଫ୍.ଆଇ.ଆର୍ କପି ମାଗଣାରେ ମିଳିପାରିବ। ଏହାବ୍ୟତୀତ ଗିରଫ ହେଲେ ବ୍ୟକ୍ତିର ନିଜ ପସନ୍ଦର ବ୍ୟକ୍ତିଙ୍କୁ ନିଜ ସ୍ଥିତି ସମ୍ପର୍କରେ ଅବଗତ କରିବାର ଅଧିକାର ରହିଛି। ନୂଆ ଆଇନରେ ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧର ତଦନ୍ତକୁ ପ୍ରାଥମିକତା ଦିଆଯାଇଛି ଏବଂ ସୂଚନା ରେକର୍ଡ କରିବାର ଦୁଇ ମାସ ମଧ୍ୟରେ ଠିକ୍ ସମୟରେ ଶେଷ ହେବା ସୁନିଶ୍ଚିତ କରାଯାଇଛି।

ନୂଆ ଅପରାଧ ଆଇନରେ ଫରେନ୍ସିକ୍ ବିଶେଷଜ୍ଞମାନେ ଗୁରୁତର ଅପରାଧ ପାଇଁ ଅପରାଧ ସ୍ଥଳ ପରିଦର୍ଶନ କରି ପ୍ରମାଣ ଯୋଗାଡ଼ କରିବା ବାଧ୍ୟତାମୂଳକ ହୋଇଛି। ଆଇନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି

କାଗଜପତ୍ର ହ୍ରାସ କରି ଅନଲାଇନ୍ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଗଲେ ସବୁ ପକ୍ଷ ମଧ୍ୟରେ ଯୋଗାଯୋଗ ସହଜ ହୋଇପାରିବ।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ନିୟମିତ ବୈଠକ କରୁଛନ୍ତି। ଜୁଲାଇ ପହିଲାରୁ ନୂତନ ଅପରାଧ ଆଇନ କାର୍ଯ୍ୟକାରୀ କରିବା ପାଇଁ ପ୍ରଯୁକ୍ତି, ଦକ୍ଷତା ବୃଦ୍ଧି ଏବଂ ସଚେତନତା ସୃଷ୍ଟି କ୍ଷେତ୍ରରେ ସେମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସରକାର କହିଛନ୍ତି। ନୂଆ ଆପରାଧିକ ଆଇନରେ ତଦନ୍ତ,ବିଚାର ଏବଂ କୋର୍ଟ ପ୍ରକ୍ରିୟାରେ ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ବର୍ତ୍ତମାନର କ୍ରାଇମ ଆଣ୍ଡ୍ କ୍ରିମିନାଲ ଟ୍ରାକିଂ ନେଟଓ୍ୱର୍କ ଆଣ୍ଡ ସିଷ୍ଟମ (ସିସିଟିଏନଏସ) ଆପ୍ଲିକେସନରେ ୨୩ଟି କ୍ଷେତ୍ରରେ ସଂଶୋଧନ କରିଛି । ଏହା ନୂତନ ବ୍ୟବସ୍ଥାକୁ ନିରବଚ୍ଛିନ୍ନ ରୂପାନ୍ତରଣ ଓ ସହଜ କରିବା ଦିଗରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରୁଛି ।

## ନାଟୋ ସେକ୍ରେଟାରୀ ଜେନେରାଲ

ନର୍ଥ ଆଟଲାଣ୍ଟିକ୍ ଟିଟି ଅର୍ଗାନାଇଜେସନ୍ (ନାଟୋ)ର ପରବର୍ତ୍ତୀ ମହାସଚିବ ଭାବେ ନେଦରଲାଣ୍ଡ୍‌ସର ବିଦାୟୀ ପ୍ରଧାନମନ୍ତ୍ରୀ ମାର୍କ ରୁଟ୍‌ଙ୍କୁ

ନିଯୁକ୍ତ କରିବାକୁ ଉତ୍ତର ଆଟଲାଣ୍ଟିକ୍ ପରିଷଦ ନିଷ୍ପତ୍ତି ନେଇଛି। ନାଟୋ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଅକ୍ଟୋବର ପହିଲାରେ ନାଟୋର ମହାସଚିବ ଭାବେ ରୁଟ୍ ଦାୟିତ୍ୱ ଗ୍ରହଣ କରିବେ।

ଗତ ୧୯ ତାରିଖରେ ରୋମାନିଆ ରାଷ୍ଟ୍ରପତି କ୍ଲାଉସ୍ ଇଓହାନିସ୍ ଆନୁଷ୍ଠାନିକ ଭାବେ ନାଟୋର ମହାସଚିବ ପଦରୁ ଓହରିଯିବା ନେଇ ଘୋଷଣା କରିଥିଲେ। ଫଳରେ ରୁଟ୍ ସମସ୍ତ ୩୨ଟି ସଦସ୍ୟ ରାଷ୍ଟ୍ରର ସମର୍ଥନ ହାସଲ କରିଛନ୍ତି।

ନେଦରଲାଣ୍ଡ୍ସର ପ୍ରଧାନମନ୍ତ୍ରୀ ଭାବେ ମାର୍କ ରୁଟ୍  ୧୪ ବର୍ଷର କାର୍ଯ୍ୟକାଳ ଚଳିତ ସପ୍ତାହରେ ଶେଷ ହେବାକୁ ଯାଉଛି। ନାଟୋର ୭୫ ବର୍ଷ ଇତିହାସରେ ନେଦରଲାଣ୍ଡର ଚତୁର୍ଥ ବ୍ୟକ୍ତି ଭାବେ ରୁଟେ ଏହାର ଦାୟିତ୍ୱ ନେବାକୁ ଯାଉଛନ୍ତି। ସୂଚନାଯାଗ୍ୟ,  ନେଦରଲାଣ୍ଡ୍ସ ହେଉଛି ନାଟୋର ପ୍ରତିଷ୍ଠାତା ସଦସ୍ୟ।

## କ୍ରିକେଟ

ଅଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ନବମ ସଂସ୍କରଣରେ ଆସନ୍ତାକାଲି ସେମିଫାଇନାଲରେ ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନକୁ ଭେଟୁଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବ। ସୂଚନାଯୋଗ୍ୟ, ରୋହିତ ଶର୍ମାଙ୍କ

ନେତୃତ୍ୱାଧୀନ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ପଞ୍ଚମଥର ଲାଗି ସେମିଫାଇନାଲରେ ପହଁଞ୍ଚିଛି । ୨୦୨୨ରେ ଅନୁଷ୍ଠିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ସେମିଫାଇନାଲରେ ଇଂଲଣ୍ଡ ନିକଟରୁ ଭାରତ ପରାସ୍ତ ହୋଇଥିଲା । ତେଣୁ ଆସନ୍ତାକାଲିର ମ୍ୟାଚ୍‌ରେ ଭାରତ ଉତ୍ତମ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ।